Review Meeting on preparedness for severe cyclonic storm Amphan was taken on 19.05.2020. Discussed with the commissioner, CMC, Chief Engineer, Jaica, City Engineer, CMC and other line Department Officials on the issue of evacuation, temporary shelters, dry food arrangement, installation of pumps, arrangement of generators, desilting and clearance of water by Jaica and CMC, functioning of Control room and other contingent arrangement.




# ଆରଡିସିଙ୍କ ଅମ୍ଫାନ ସମୀକ୍ଷା

• କଟକ,ପିଏନଏସ

ସାମୁଦ୍ରିକ ବାତ୍ୟା ଅମ୍ଫାନର ମୁକାବିଲା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ଅନୀଲ କୁମାର ସାମଲ ମଙ୍ଗଳବାର ଏକ ସମୀକ୍ଷା କରିଛନ୍ତି । ଶ୍ରୀ ସାମଲ କଟକ ସହରର ବାତ୍ୟା ମୁକାବିଲା ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ବିଶେଷକରି ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା, ସେମାନଙ୍କୁ ଅସ୍ଥାୟୀ ବାସଗୃହ ଯୋଗାଇଦେବା, ଆବଶ୍ୟକସ୍ଥଳେ ସୁଖିଲା ଖାଦ୍ୟ ଯୋଗାଇବା ନେଇ ଆରଡିସି ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ଅମ୍ଫାନ ଦ୍ୱାରା କଟକ ପ୍ରଭାବିତ ନହେଲେ ବି ପ୍ରବଳ ବର୍ଷା ହେଲେ କଟକ ସହର ଜଳବନ୍ଦୀ ହୋଇପଡିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ଆବଶ୍ୟକୀୟ ପଦକ୍ଷେପ ଓ ପ୍ରସ୍ତୁତି ସଂପର୍କରେ ଆରଡିସି ଅନୁଧାନ କରିଥିଲେ । କଟକ ସହରରେ ଥିବା ସ୍ଲୁଇସ ଫାଟକ ଗୁଡିକୁ ଖୋଲା ରଖିବା ସହିତ ବର୍ଷା ଜଳ ନିଷ୍କାସନ ଲାଗି ଆବଶ୍ୟକୀୟ ସ୍ଥାନରେ ମୋଟର ପମ୍ପ ମହଜୁଦ ରଖିବା ଉପରେ ଆରଡିସି ଗୁରୁତ୍ୱାରୋପ କରିଥିଲେ । ବିଗତ ଦିନରେ ହୋଇଥିବା ବାତ୍ୟା ବେଳେ କଟକ ସହର ଲୋକ ପିଇବା ପାଣି ପାଇଁ ହାଇନସ୍ତା ହୋଇଥିଲେ । ଏଥର ଯେପରି ସେଭଳି ପରିସ୍ଥିତି ସୃଷ୍ଟି ନହୁଏ ସେଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆରଡିସି ସିଏମସି କମିଶନର ଅନନ୍ୟା ଦାସଙ୍କ ଠାରୁ ଅବଗତ ହୋଇଥିଲେ । କଟକ ସହର ମାତ୍ର ୧୦୦ମିଲିମିଟର ବର୍ଷାରେ ଜଳବନ୍ଦୀ ହୋଇପଡୁଥିବାର ନଜିର ରହିଛି । ଏଣୁ ସହରରେ ୨୦୦ରୁ ଅଧିକ ମୋଟର ପମ୍ପ ସଜାଗ ରଖାଯାଇଥିବାର କୁହାଯାଇଛି । ଜରୁରୀକାଳୀନ କଣ୍ଟ୍ରୋଲରୁମ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି । ବାତ୍ୟାରେ ବିଜୁଳି ଖୁଣ୍ଟି, ଗଛ ଉପୁଡିପଡିଲେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିବାକୁ ଆରଡିସି କହିଥିଲେ । ଏହି ବୈଠକରେ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା, ସେମାନଙ୍କୁ ଅସ୍ଥାୟୀ ବାସଗୃହ ଯୋଗାଇଦେବା, ଆବଶ୍ୟକସ୍ଥଳେ ସୁଖିଲା ଖାଦ୍ୟ ଯୋଗାଇବା ନେଇ ଆରଡିସି ନିର୍ଦ୍ଦେଶ ଦେଇଥିଲେ ।